## ଟଳି ପଡ଼ିଲେ ଶ୍ରମିକ

ଖଜୁରିପଡ଼ା, (ବିଦୁର ବେହେରା): ଖଜୁରିପଡ଼ା ବ୍ଲକ୍ ତିଳକପଡାଠାରେ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବୁଧବାର ଜଣେ ଶ୍ରମିକ ଟଳି ପଡ଼ିଛନ୍ତି। ସେ ହେଲେ ବିହାରର ସାନ ୱାଜ। କଲେଜର କୋଠା ନିର୍ମାଣ ଚାଲିଥିବା ବେଳେ ସାନ ୱଜ୍ ହଠାତ୍ ଟଳିପଡ଼ିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ଅଟୋ ଯୋଗେ ଫୁଲବାଣୀ ମେଡିକାଲ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ସଂକ୍ଷେପରେ

## ଗଞ୍ଜାମ ସିନିୟର କ୍ରିକେଟ ଟିମ୍‌ରେ ଭଞ୍ଜନଗରରୁ ବିଭୁ ପ୍ରସାଦ



ଭଞ୍ଜନଗର, ୨୫।୨ (ବାବୁଲା ପ୍ରଧାନ): ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ଗତ ୧୮ ତାରିଖରେ ଗଞ୍ଜାମ ଜିଲା ସିନିୟର କ୍ରିକେଟ ଟିମ୍ ଘୋଷଣା ହୋଇଛି। ଏଥିରେ ଭଞ୍ଜନଗର ବ୍ଲକ ଆଦିବାସୀ ଅଧ୍ୟୁଷିତ ଦଦରାଲୁଣ୍ଡା ଗ୍ରାମର ବିଭୁ ପ୍ରସାଦ ନାୟକ ମନୋନୀତ ହୋଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ଏମ୍‌ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ ପ୍ରମୁଖ ବିଭୂଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ୧୬ ଜଣିଆ ଟିମରେ ଅନ୍ୟମାନଙ୍କ ମଧ୍ୟରେ ଅଭିସ୍କର ପଟ୍ଟନାୟକ, ବି. ସନ୍ତୋଷ କୁମାର ପାତ୍ର, ଅଂଶୁମାନ ସାମନ୍ତ, ସୌମ୍ୟ ରଞ୍ଜନ ବିଶ୍ୱାଳ, ରୋହିତ ସାଗର, କେ. ଈଶ୍ୱର ପ୍ରସାଦ, ସାଗର ସେଠୀ, କାଳିଆ ସାହୁ, ଜୈନମ ଗେଡ଼ିଆ,ଅଭିନୀତ ପଟ୍ଟନାୟକ, ଭୋଜୋନାପୁ ରାଜାରାମ, ମହମ୍ମଦ ସୋହେବ ଖାନ, ସଂଗ୍ରାମ ବାଡତ୍ୟା, ବିଶାଲ କପାଳ ଓ ସିବୁନ ନନ୍ଦ ଅଛନ୍ତି । ସେହିପରି ଷ୍ଟାଣ୍ଡ-ବାଇରେ ପ୍ରଶାନ୍ତ ବର୍ମା, ଚିନ୍ମୟ ନାୟକ, ଦେବାଶିଷ ଦାସ,ରବି ରାଜ,କାଳିଆ ସ୍ୱାଇଁ ଅଛନ୍ତି ।

## ପାଣି ଅଭାବ, ଉଜୁଡ଼ିଗଲା ମୁଗ ବିରି ଫସଲ

ଶେରଗଡ଼, ୨୫।୨ (ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ମୁଗ ବିରି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେଉଁଠି ଗଛ ଉଠିଛି ପାଣି ଅଭାବରୁ ଫୁଲ ଧରିନି ଗଛ ମରିବାକୁ ବସିଲାଣି। ସେହିପରି କେଉଁଠି ପାଣି ଅଭାବ ଯୋଗୁ ମୁଗ ବିରି ଗଛରେ ରଙ୍ଗଡା ରୋଗ ଧରିଲାଣି। ଅନ୍ୟ କେଉଁଠି ବିହନ ଗଜା ହୋଇନାହିଁ। ଏବେ ମୁଗ ବିରି ଅମଳ ସମୟ ହୋଇଥିବା ବେଳେ ଶେରଗଡ଼ ଅଞ୍ଚଳରେ ଏପରି ସମସ୍ୟା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବ୍ଲକର ସବୁ ପଞ୍ଚାୟତରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଫଳରେ ଚାଷୀ ଚଳିତ ବର୍ଷ ମୁଗ ବିରି ବିହନ ହରାଇବ ସେନେଇ ସ୍ଥିତି ଉପୁଜିଛି। ବ୍ଲକର ୫ ହଜାରରୁ ଅଧିକ ହେକ୍ଟର ଜମିରେ ଚାଷୀ ମୁଗ ବିରି ବିହନ ବୁଣିଥିବା ବେଳେ ସବୁ ଜମିର ମୁଗ ବିରି ଫସଲ ନଷ୍ଟ ହୋଇଯାଇଛି। ଏ ଦିଗରେ କୃଷି ବିଭାଗ ପଦକ୍ଷେପ ନେଇ ଶେରଗଡ଼ ବ୍ଲକକୁ ଅଧିକ ପରିମାଣର ମୁଗ ବିରି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ

ଛତ୍ରପୁର, ୨୫।୨ (ଦିଲୀପ ସାମଲ) ଶ୍ରମିକମାନଙ୍କ ଦୀର୍ଘଦିନର ସମସ୍ୟା ଓ ଦାବିଗୁଡିକ ପୂରଣ ଲାଗି ବୁଧବାର ଗଞ୍ଜାମ ଜିଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟି ଙ୍କୁ ପ୍ରଦାନ କରାଯାଇଛି । ଏହି ସମୟରେ ସଂଘର ଜିଲା ସମ୍ପାଦକ ଉମା ଶଙ୍କର ସାହୁ, ଅର୍ଜୁନ ବେହେରା, ବୃନ୍ଦାବନ ବେହେରା, ଛତ୍ରପୁର ବ୍ଲକ ସଭାପତି ମନରୋଜନ ଦାଶ, ଅଙ୍ଗନବାଡ଼ି ନେତ୍ରୀ ବାସନ୍ତୀ ପ୍ରଧାନ ଓ ସିଆରପି ୱାର୍କସ ନେତ୍ରୀ ପି. ଗାୟତ୍ରୀ ରେଡ୍ଡୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମା' ଏଲାମାଙ୍କ ପୀଠରେ ଝାମୁଯାତ୍ରା

ଗଞ୍ଜାମ, ୨୫।୨ (ଅନାଥ ତରାଇ/ ବିଦ୍ୟାଧର ସାହୁ) ଗଞ୍ଜାମ ସହରର ଅଧିଷ୍ଠାତ୍ରୀ ଦେବୀ ମା' ଏଲାମା ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତବର୍ଷର ପ୍ରସିଦ୍ଧ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଝାମୁ ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ମାନସିକ ବ୍ରତଧାରୀମାନଙ୍କ ନିଆଁ ଉପରେ ଚାଲିବା। ସ୍ଥାନୀୟ ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନଙ୍କ ପାଇଁ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା କରାଯାଇଥିଲା। ମା'ଙ୍କ ପାଖରେ ବିଶ୍ୱଶାନ୍ତି ପାଇଁ ସମୂହ ଆରତି କରାଯାଇ ଯାତ୍ରା ସମାପ୍ତ ହୋଇଥିଲା।

# ଜଳକଷ୍ଟ ଭୋଗୁଛନ୍ତି ଗୁମୁରିଖୋଲ ଗ୍ରାମବାସୀ

### କାମରେ ଆସୁନି ଜଳ ଯୋଗାଣ କୂଅ



ଅଚଳ ଜଳ ଯୋଗାଣ ପ୍ରକଳ୍ପ।

ଖଜୁରିପଡ଼ା, ୨୫।୨ (ବିଦୁର ବେହେରା) ଖଜୁରିପଡ଼ା ବ୍ଲକ ପୀରିକୁଡ଼ି ପଞ୍ଚାୟତ ଗୁମୁରିଖୋଲ ଗ୍ରାମବାସୀ ଏବେ ଜଳକଷ୍ଟ ଭୋଗୁଛନ୍ତି। ଏନେଇ ଗ୍ରାମବାସୀ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଜିଲାପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିବା କହିଛନ୍ତି। ଗାଁରେ ପିଇବା ପାଣି ଏକ ପ୍ରମୁଖ ସମସ୍ୟା ବୋଲି ସୁଶାନ୍ତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଶରତ ମଲ୍ଲିକ, ବିଦୁର ପ୍ରଧାନ, ଯଦୁ ମୁଖି କହିଛନ୍ତି। ଏହି ସମସ୍ୟା ଦୂର କରିବା ପାଇଁ କିଛି ବର୍ଷ ପୂର୍ବେ ଗାଁରେ ପାନୀୟ ଜଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ କରି ପିଇବା ପାଣି ଯୋଗାଇ ଦିଆଯାଉଥିଲା। କୂଅରେ ଯଥେଷ୍ଟ ପାଣି ବାହାରୁ ନ ଥିବାରୁ କିଛି ସମୟ ଆସି ବନ୍ଦ ହୋଇଯାଏ। ଯାହା ଫଳରେ ଗ୍ରାମବାସୀ ନିୟମିତ ପାଣି ପାଇବାରୁ ବଞ୍ଚିତ ହେଉଥିଲେ। ଏନେଇ ଗ୍ରାମବାସୀ ଅଭିଯୋଗ କଲା ପରେ ଆଉ ଗୋଟେ କୂଅ ଖୋଳା ହେଲା। କିନ୍ତୁ ସେହି କୂଅ ଅଧା ନିର୍ମାଣ ହୋଇ ପଡ଼ିରହିଛି। ସେଥିରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। କେବଳ ଖୁମ୍ବ ପୋତା ଯାଇଛି। କିନ୍ତୁ ତାର ଟଣା ହୋଇନାହିଁ। ଏବେ ଖରାଦିନ ଆରମ୍ଭ ହୋଇଛି। ନଦୀ ନାଳ ଚୁଆ ସବୁ ଶୁଖି ଆସିଲାଣି। ଏହି ପରିପ୍ରେକ୍ଷୀରେ ଗୁମୁରିଖୋଲା ସମେତ ସାକାଡ଼ି, ତଣ୍ଡିଆ ସାହି, ବର ସାହି ଗ୍ରାମବାସୀ ପାଣି ପାଇଁ ଡହଳ ବିକଳ ହେଉଥିବା ଶ୍ରବଣ ବେହେରା, ସୁମନ ବେହେରା ପ୍ରମୁଖ କହିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଚରଣ ବେହେରା କହିଛନ୍ତି, କାହିଁକି ଲାଇନ ସଂଯୋଗ ହୋଇନି ତାର ତଦନ୍ତ କରାଯିବ। ଲାଇନ ସଂଯୋଗ କରି ଆଗ ପାଣି ସମସ୍ୟା ଦୂରୀକରଣ କରାଯିବ। ଅନ୍ୟପକ୍ଷେ ଲାଇନ ଖୁମ୍ବ ପୋତି ମଜୁରୀ ପାଇ ନ ଥିବା କିଛି ଲୋକ ଅଭିଯୋଗ କରିଛନ୍ତି।

# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଓ ସେମାନଙ୍କ ପ୍ରକଳ୍ପ।

ଶେରଗଡ଼, ୨୫।୨ (ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟା ମନ୍ଦିରର ତୃତୀୟରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ୫୦ରୁ ଅଧିକ ଛାତ୍ରୀଛାତ୍ରୀ ଏଥିରେ ଭାଗ ନେଇ ଆଣିଥିବା ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପରିବେଶ ସୁରକ୍ଷା, ଜଳସେଚନ ଉପଯୋଗୀ ଉପରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଶିବାନୀ ସ୍ୱାଇଁ, ବାହାନ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କ ପ୍ରକଳ୍ପ ଚୟନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ବାର୍ଷାରାଣୀ ସେଠୀ, ପ୍ରତିମା ସ୍ୱାଇଁ ବିଜ୍ଞାନ ମେଳା ପରିଚାଳନା କରିଥିଲେ।

# ଶପଥ ନେଲେ ନବ ନିର୍ବାଚିତ କର୍ମକର୍ତ୍ତା

- ଗଞ୍ଜାମ ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ
- ବିଭିନ୍ନ ଦାବିପୂରଣ ନେଇ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ

ଛତ୍ରପୁର, ୨୫।୨ (ଦିଲୀପ ସାମଲ) ଗଞ୍ଜାମ ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଏସ୍‌ପି ତଥା ନିର୍ବାଚନ ଅଧିକାରୀ ରବିକାନ୍ତ ସୁନା ସଂଘର ନବ ନିର୍ବାଚିତ ସଭାପତି ଗୋରାଚାନ୍ଦ ତ୍ରିପାଠୀ, ଉପ ସଭାପତି ଜି. ଗଣେଷ ରାଓ, ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ-୧ ବି. ହେମନ୍ତ କୁମାର, ଯୁଗ୍ମ ସମ୍ପାଦକ-୨ ସନ୍ତୋଷ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଭ୍ୟ ମନୋଜ ରଥ, ଏସ. ପ୍ରହ୍ଲାଦ ରେଡ୍ଡୀ, ଦିଲୀପ ଶବର , ତପନ ନାୟକ ଓ ସଭ୍ୟା ମନସ୍ୱିନୀ ନାୟକଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଏକ ସର୍ବସାଧାରଣ ବୈଠକ ହୋଇଥିଲା। ଏଥିରେ ନବନିର୍ବାଚିତ ସଭାପତି ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମସ୍ତ ସଭ୍ୟଙ୍କ ସହମତି ଅନୁସାରେ ଉମାଶଙ୍କର ବେହେରାଙ୍କୁ କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ମନୋନୀତ କରାଯାଇଥିଲା। ସମ୍ପାଦକ ଧନ୍ୟବାଦ ଦେଇଥିଲେ । ଗଞ୍ଜାମ ପୋଲିସ ଜିଲା ବହୁ ପୁରାତନ। ବର୍ତ୍ତମାନ ଏଠାରେ ୨୬ ଥାନା, ୭ ଫାଣ୍ଡି ଓ ୧୪ଟି କୋର୍ଟ ରହିଛି । ବିଭିନ୍ନ ଆଇନ ଶୃଙ୍ଖଳା, ଭିଆଇପି ଓ ଭିଭିଆଇପିଙ୍କ ଗସ୍ତ, କୋର୍ଟରୁ ମୁଦଲା ଚାଲାଣ ପାଇଁ ଫୋର୍ସ ମୁତୟନ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହାକୁ ଗୁରୁତ୍ୱ ଦେଇ ଜିଲାରେ କନଷ୍ଟେବଲ ସଂଖ୍ୟା ବୃଦ୍ଧି କରିବା, ଛତ୍ରପୁରସ୍ଥିତ ରିଜର୍ଭ ଅଫିସରେ ଆଉ ଏକ ବାଇକ ଷ୍ଟାଣ୍ଡର ବ୍ୟବସ୍ଥା କରିବା, ପୁରୁଣା ପୋଲିସ ଲାଇନ ଓ ନୂଆ ପୋଲିସ ଲାଇନର ସମସ୍ତ ସରକାରୀ ବାସଗୃହଗୁଡିକ ମରାମତି କରିବା, ନୂତନ କ୍ୱାର୍ଟର୍ସ ନିର୍ମାଣ କରିବା ସକାଶେ ବୈଠକରେ ଆଲୋଚନା ହୋଇଥିଲା। ପରେ ଏ ସମ୍ପର୍କିତ ଏକ ସ୍ମାରକପତ୍ର ସଂଘ ପକ୍ଷରୁ ଗଞ୍ଜାମ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି ।

## ଯୁବକଙ୍କୁ ହତ୍ୟା ଘଟଣା, ଆଉ ୨ ଗିରଫ

### ବାପା, ୩ ପୁଅଙ୍କ ସମେତ ୫ ବନ୍ଧା ହେଲେଣି

ଛତ୍ରପୁର, ୨୫।୨ (ଦିଲୀପ ସାମଲ): ଗଞ୍ଜାମ ଜିଲା ଛତ୍ରପୁର ଥାନା ରିକାପଲ୍ଲୀ ରେଳ ଫାଟକ ନିକଟରେ ଅରୁଗୁଣି ଗ୍ରାମର ଆର୍. ରାଜା ରାଓ (୨୮)ଙ୍କୁ ହତ୍ୟା ଘଟଣାରେ ଆଉ ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସେମାନେ ହେଲେ ପୂର୍ବରୁ ଗିରଫ ହୋଇଥିବା ମୁଖ୍ୟ ଷଡଯନ୍ତ୍ରକାରୀ ଛତ୍ରପୁର ସହର ଦେବୀନଗର ସାହିର ଚନ୍ଦନ ରାଉତଙ୍କ ବାପା ସୁକାନ୍ତ ରାଉତ ଓ ସାନ ଭାଇ ପ୍ରସାଦ ରାଉତ । ଏହି ୨ ଜଣଙ୍କୁ ମିଶାଇ ରାଜା ରାଓ ହତ୍ୟା ଘଟଣାରେ ପୋଲିସ ଏ ପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କଲାଣି। ସେମାନଙ୍କ ମଧ୍ୟରେ ୩ ଭାଇ ଚନ୍ଦନ, ସୁନୀଲ ଓ ପ୍ରସାଦ, ବାପା ସୁକାନ୍ତ ଏବଂ ସହଯୋଗୀ ଆଶିଷ ବେହେରା ଅଛନ୍ତି। ଗତ ୧୯ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ରାଜା ରାଓଙ୍କୁ ଖଣ୍ଡା ଓ ଠେଙ୍ଗାରେ ନିର୍ମମ ଭାବେ ହତ୍ୟା କରିଥିଲେ। ଏ ନେଇ ମୃତକଙ୍କ ଭାଇ ଆର୍.ଶ୍ରୀକାନ୍ତଙ୍କ ଅଭିଯୋଗକ୍ରମେ ଛତ୍ରପୁର ଥାନାରେ ନଂ. ୭୨/୨୦୨୬ରେ ମାମଲା ରୁଜୁ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସବ୍ୟସାଚି ମଲ୍ଲ କହିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପାତ୍ରପୁର, ୨୫।୨ (ଉମା ଚରଣ ନେପାକ): ଜରଡା ଥାନା ଅଧୀନ ଖରଣିପଡା ଗ୍ରାମ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖରଣିପଡା ଗ୍ରାମର ରଘୁନାଥ ବେହେରା(୬୫)। ରଘୁନାଥ ସବୁଦିନ ପରି ମଙ୍ଗଳବାର ନିତ୍ୟକର୍ମ ସାରିବା ପାଇଁ ଘରୁ ବାହାରି ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ନ ମିଳିବାରୁ ସନ୍ଧ୍ୟାରେ ଜରଡା ଥାନାରେ ଅଭିଯୋଗ କରିଥିଲେ। ତେବେ ବୁଧବାର ଅପରାହ୍ନରେ ଖରଣିପଡା ପଞ୍ଚ କଙ୍କେଶ୍ୱର ମନ୍ଦିର ନିକଟ ପୋଖରୀରେ ରଘୁନାଥଙ୍କ ମୃତଦେହ ଭାସୁଥିବା ଖବର ମିଳିଥିଲା। ଜରଡ଼ା ପୋଲିସ ଓ ପାତ୍ରପୁର ଅଗ୍ନିଶମ ବାହିନୀ ପହଞ୍ଚି ପାଣିରୁ ମୃତଦେହ ବାହାର କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



ବୁଗୁଡ଼ା, ୨୫।୨ (କାଳିଚରଣ ଦାଶ) ବୁଗୁଡ଼ା ବ୍ଲକ୍ ବିରଞ୍ଚିପୁର ପଞ୍ଚାୟତ କତକଲା ନିକଟସ୍ଥ ଦିବ୍ୟ ଦର୍ଶନ ଜରାଶ୍ରମ ପରିସରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଛି। ଆମ୍ବାର ଅଧକ୍ଷ ସନ୍ତୋଷ ସାହୁଙ୍କ ପୌରହିତ୍ୟରେ ହୋଇଥିବା କର୍ମଶାଳାରେ ବ୍ଲକ୍ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା, ମତ୍ସ୍ୟ ବୈଷୟିକ ସହାୟକ ସନ୍ଦିପ ରଞ୍ଜନ ସେଠୀ, ବିଟିଏମ୍ ଅମରେନ୍ଦ୍ର ମହାପାତ୍ର, ଭିଏଏସ୍ ଡାକ୍ତର ସାଇଶିବ ଶତପଥୀ, ମନୋଜ ସାହୁ, ବିରଞ୍ଚିପୁର ପଞ୍ଚାୟତ ସମିତି ସଭ୍ୟା ପ୍ରତିନିଧି ସୀମାଞ୍ଚଳ ନନ୍ଦ ମଞ୍ଚାସୀନ ଥିଲେ। କର୍ମଶାଳାରେ ବିଭାଗୀୟ ଅଧିକାରୀମାନେ ଚାଷୀଙ୍କୁ ସଚେତନ କରାଇଥିଲେ। ରାଜେଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଏଥିରେ ଆଶ୍ରମର ଅରୁଣ ସାହୁ, ରାଜେନ୍ଦ୍ର ପ୍ରଧାନ, ନିରାକାର ମହାନ୍ତି ସହଯୋଗ କରିଥିଲେ।

# ୪ ହଜାର ପଞ୍ଜୀକୃତ ଚାଷୀଙ୍କୁ ମିଳିନି ଟୋକନ



- ବଞ୍ଚିତ ଚାଷୀଙ୍କ ଧାନ କ୍ରୟ କରିବାକୁ ଋଷିକୁଲ୍ୟା ରୟତ ମହାସଭାର ଦାବି
- ଏଡିଏମ୍‌ଙ୍କୁ ଭେଟିଲେ ଚାଷୀ

ଛତ୍ରପୁର, ୨୫।୨ (ଦିଲୀପ ସାମଲ) ଚାଷୀମାନେ ପଞ୍ଜୀକରଣ କରିସୁଦ୍ଧା କେତେଜଣ ଚାଷୀଙ୍କ ନିକଟକୁ ଏଯାଏ ଟୋକନ ଆସି ନାହିଁ। ଫଳରେ ସମ୍ପୃକ୍ତ ଚାଷୀମାନେ ଧାନ ବିକି ପାରୁନାହାନ୍ତି। ସେମାନଙ୍କ ଧାନ ତୁରନ୍ତ କିଣିବା ଦାବି ନେଇ ବୁଧବାର ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଗଞ୍ଜାମ ଜଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟିଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଚଳିତ ବର୍ଷ ୯୨ ପ୍ରତିଶତ ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ କରାଯାଇଥିବା ବେଳେ ପଞ୍ଜୀକରଣ କରିଥିବା ପ୍ରାୟ ୪ ହଜାର ଚାଷୀଙ୍କ ଟୋକନ ଆସି ନ ଥିବାରୁ ଚାଷୀମାନେ ଧାନ ବିକି ନ ପାରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ତଦନ୍ତ କରି ଟୋକନରୁ ବଞ୍ଚିତ ଚାଷୀଙ୍କ ଧାନ କ୍ରୟ କରିବାକୁ ଋଷିକୂଲ୍ୟା ରୟତ ମହାସଭା ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଋଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ, ଛତ୍ରପୁର ବ୍ଲକ ନେତା ହରେକୃଷ୍ଣ ଗୌଡ଼, ରଞ୍ଜନ ସେଠୀ, ମଙ୍ଗଳା ପାଣିଗ୍ରାହୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ବାଲ୍ୟବିବାହ ରୋକିଲା ପ୍ରଶାସନ

ଦିଗପହଣ୍ଡି, ୨୫।୨ (ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ ଭ୍ରମରପୁର ପଞ୍ଚାୟତ ନାରାୟଣପୁର ଗ୍ରାମର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବିବାହ କରିବା ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟା ସରିଥିଲା। ବାହାଘର ପାଇଁ ପରିବାର ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଥିଲା। ଖବର ପାଇ ପୋଲିସ ପ୍ରଶାସନ ପହଞ୍ଚିବା ସହ ବାଲ୍ୟବିବାହକୁ ରୋକିଛି। ଦିଗପହଣ୍ଡି ସିଡିପିଓ ପୁଷ୍ପାଞ୍ଜଳି ବେହେରା ଏନେଇ ସୂଚନା ପାଇବା ପରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ବାୟକଙ୍କ ସହ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ସ୍କୁଲ ସାର୍ଟିଫିକେଟ ଏବଂ ଆଧାରକାର୍ଡ ଯାଞ୍ଚ କରିଥିଲେ। ତାଙ୍କୁ ୧୭ ବର୍ଷ ୩ ମାସ ହୋଇଥିବା ଜଣାପଡିଥିଲା। ସିଡିପିଓ ଉପସ୍ଥିତ ମାତା ପିତା ଓ ସମ୍ପର୍କୀୟଙ୍କୁ ବାଲ୍ୟ ବିବାହକୁ ପରିଣତି ଏବଂ ପ୍ରଚଳିତ ଆଇନ ବ୍ୟବସ୍ଥା ସମ୍ପର୍କରେ ବୁଝାଶୁଝା କରିବା ପରେ ସେମାନେ ବିବାହ କାର୍ଯ୍ୟ ବନ୍ଦ ରଖିବାକୁ ସହମତି ପ୍ରକାଶ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ନିଜ ଭୁଲ ବୁଝିବା ସହିତ ୧୮ ବର୍ଷ ପୁରିବା ପରେ ହିଁ ଝିଅ ବାହାଘର କରିବେ ବୋଲି ଲିଖିତ ପତ୍ର ସିଡିପିଓଙ୍କୁ ପ୍ରଦାନ କରିଛନ୍ତି।

# ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ ହିମାଂଶୁ



ଆସିକା, ୨୫।୨ (ସୁରେନ୍ଦ୍ର ନାଥ ସାହୁ): ବିହାରର ପାଟଣାଠାରେ ହେବାକୁ ଥିବା ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ଲାଗି ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁକ୍ତ ୩ ଶେଷ ବର୍ଷର ବିଜ୍ଞାନ ଛାତ୍ର ହିମାଂଶୁ ରାୟଜିତ ଜେନା ମନୋନିତ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ମାଇଁ ଭାରତ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ହିମାଂଶୁ ରାଜ୍ୟସ୍ତରୀୟ ପ୍ରତିନିଧି ଦଳରେ ସାମିଲ ହେବେ । ସେ ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର କଳା, ସଂସ୍କୃତି ଓ ଯୁବଶକ୍ତିର ବିଚାରଧାରାକୁ ଉପସ୍ଥାପନ କରିବା ସହ ବିକଶିତ ଭାରତ ସମ୍ପର୍କରେ ନିଜର ମନ୍ତବ୍ୟ ବକ୍ତୃତା ମାଧ୍ୟମରେ ଉପସ୍ଥାପନା କରିବା ଯୋଜନା ରହିଛି । ତାଙ୍କର ଏହି ସଫଳତା ଲାଗି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାଉନସିଲର ଅଧ୍ୟାପକ ଚିତ୍ରସେନ ବେହେରା, ଅଧ୍ୟାପକ ରାଜେଶ କୁମାର ସାହୁ, ଅଧ୍ୟାପକ ଡ. ଅଜିତ ମୁନିପ୍ରମୁଖଙ୍କ ମାର୍ଗଦର୍ଶନ ରହିଛି ବୋଲି ହିମାଂଶୁ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମର ସଫଳତା କାମନା କରିଛନ୍ତି।

# ଗଜପତି ପାଷ୍ଟୋରେଟ ୟୁନିୟନର ବାର୍ଷିକ ମହାସଭା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରାହ୍ମଣୀଗାଁ, ୨୫।୨ (ମନୋରଞ୍ଜନ ରଣା) କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର କୁମ୍ଭାରିଗାଁରେ କଟକ ଡାଇସେସ୍‌ର ଗଜପତି ପାଷ୍ଟୋରେଟ ୟୁନିୟନ ପକ୍ଷରୁ ୨୨ତମ ବାର୍ଷିକ ମହାସଭା ଅନୁଷ୍ଠିତ ହୋଇଛି। ଏହା ମଙ୍ଗଳବାର ଠାରୁ ଆରମ୍ଭ ହୋଇ ୩ ଦିନ ଧରି ଚାଲିବାକୁ ଥିବା ବେଳେ ବୁଧବାର ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁରରୁ ଆଚାର୍ଯ୍ୟ ଷ୍ଟିଫେନ ଲିମା ଓ ଆଚାର୍ଯ୍ୟ ଅକ୍ଷୟ ପଟ୍ଟନାୟକ ଯୋଗଦେଇ ବାଇବଲରୁ ଈଶ୍ୱରଙ୍କ ବାକ୍ୟ ଅସ୍ଥିର ଜଗତରେ ବିଶ୍ୱାସରେ ସ୍ଥିର ରହିବା ପ୍ରସଙ୍ଗ ଉପରେ କହିଥିଲେ। ଉତ୍ତର ଭାରତମଣ୍ଡଳୀ କଟକ ଡାୟୋସେଶର ବିଶପ ସୁରେନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହାସଭାରେ ଅନ୍ୟତମ ଅତିଥି ଭାବେ କଟକ, ପୁରୀ ଓ ଗଞ୍ଜାମ ପାଷ୍ଟୋରେଟର କର୍ମକର୍ତ୍ତା ମାନେ ଯୋଗ ଦେଇଥିବା ବେଳେ ଗଜପତି ପାଷ୍ଟୋରେଟ ୟୁନିୟନର ୧୨୭ ଟି ମଣ୍ଡଳୀରୁ ଶତାଧିକ ବିଶ୍ୱାସୀ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ଲୋକ ପ୍ରତିନିଧି ମାନେ ଯୋଗଦେଇ ଥିଲେ। ସେମାନଙ୍କ ମଧ୍ୟରୁ ୧୧ ନଂ. ଜୋନ ଜିଲା ପରିଷଦ ସଦସ୍ୟା ଦୀପିକା ମୁଠା ମାଝୀ, ୧୦ ନଂ. ଜୋନ ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ଗଦାପୁର ସରପଞ୍ଚ କୁମାରୀ ମଲ୍ଲିକ କୁମ୍ଭାରିଗାଁ ସରପଞ୍ଚ ସୁମିତ୍ରା ଦଳ ବେହେରା, ଝିଞ୍ଜୀରିଗୁଡା ସରପଞ୍ଚ ଚାନ୍ଦିନୀ ପ୍ରଧାନ, ପାଣିଗଣ୍ଡା ସରପଞ୍ଚ ବାବୁଲି ମୁଠାମାଝୀ, ତାଯୁଙ୍ଗିଆ ସମିତି ସଭ୍ୟ ଅକ୍ଷୟ ନାୟକ, କଂଗ୍ରେସ ଦଳର ଅର୍ମି ଚାନ୍ଦ ନାୟକ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ତଥା ବିଶପ୍ ସୁରେନ୍ଦ୍ର ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଆଞ୍ଚଳିକ ତତ୍ତ୍ୱାବଧାରକ ଆଚାର୍ଯ୍ୟ ଇଶାକ ମଣ୍ଡଳ ଓ ଆଚାର୍ଯ୍ୟ ସାମସନ୍ ଶବର ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଗଡମା ପାଷ୍ଟୋରେଟର ସଙ୍ଗୀତ ଦଳ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଆଞ୍ଚଳିକ ତତ୍ତ୍ୱାବଧାରକ ମଣ୍ଡଳ, ସଭାପତି ସାମସନ୍ ଶବର, ସମ୍ପାଦକ ରମାକାନ୍ତ ମାଝୀଙ୍କ ନେତୃତ୍ୱରେ ମଣ୍ଡଳୀର ସମସ୍ତ କର୍ମକର୍ତ୍ତା, ଯୁବତୀ ଯୁବକମାନେ ସହଯୋଗ କରିଥିଲେ।

केनरा बैंक Canara Bank · ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** (୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/ ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାଃ ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଭୂ ପ୍ରସାଦ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତାଃ ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ଏ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇଜ୍‌ମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁ ଙ୍କ ସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |

(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତାଃ ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅବିଭାବକ ଭାବେ ତାଙ୍କର ପ୍ରତିନିଧୀତ୍ୱ କରୁଛନ୍ତି), ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦ ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ୟୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଗୁଡ଼ା,(ସଞ୍ଜୟ ପାଣିଗ୍ରାହୀ)ବାଲିଗୁଡ଼ା ସହରର ଦଣ୍ଡପଦରର ଓଡ଼ିଆ ସାହିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଅଙ୍ଗନୱାଡି ଗ୍ରୀଲରେ ଜଣେ ୟୁବକ ବେକରେ ରଶି ଲଗାଇ ଝୁଲି ପଡ଼ିଛନ୍ତି। ସକାଳେ ଅଙ୍ଗନବାଡ଼ି ରାସ୍ତା ଦେଇ ଯାଉଥିବା ଲୋକମାନେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ମୃତ ୟୁବକ ଜଣଙ୍କ ହେଲେ ଦଣ୍ଡପଦରର ଚିକୁନ ଦଲବେହେରା । ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଏମ୍‌ସିର ସାଧାରଣ ବୈଠକ, ଭଡ଼ା ପାଇଁ ତୁମ୍ବିତୋଫାନ

ବ୍ରହ୍ମପୁର,୨୫।୨(ଅଶୋକ କୁମାର ସାହୁ)

ବ୍ରହ୍ମପୁର ମହାନଗର ସମ୍ମିଳନୀ କକ୍ଷରେ ବୁଧବାର ଚଳିତବର୍ଷର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମେୟର ସଂଘମିତ୍ରା ଦଳେଇ ସମସ୍ତ କର୍ପୋରେଟରଙ୍କ କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରିଥିଲେ। ବ୍ରହ୍ମପୁରର ବିକାଶ ପାଇଁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ବୈଠକ ଆରମ୍ଭ ହୋଇଥିଲା। ୱାର୍ଡ ନଂ. ୨୩ର କର୍ପୋରେଟର ଆରତି ତନ୍ତି ବିକାଶମୂଳକ କାର୍ଯ୍ୟ କିଭଳି ହେବ ସେ ସମ୍ପର୍କରେ ଅନେକ ପ୍ରଶ୍ନ କରିଥିଲେ। ପରେ ୱାର୍ଡ ନଂ. ୩୫ର କର୍ପୋରେଟର ସମୀର ମିଶ୍ର କହିଲେ ଯେ, ବିଏମସି ତରଫରୁ ଟେଣ୍ଡର ହେଉଛି ସତ କିନ୍ତୁ ୱାର୍କ ଅର୍ଡର ମିଳୁନି। ଗତ ୨ ତାରିଖରେ ଷ୍ଟାଣ୍ଡିଂ କମିଟି ହୋଇଥିଲା। ସେଥିର ନିର୍ଯ୍ୟାସ କ’ଣ ସେ ସମ୍ପର୍କରେ ଜଣାଗଲା ନାହିଁ। ପ୍ରତି ୩ ମାସରେ ଥରେ ଭଡା ମିଳୁଥିଲା। କିନ୍ତୁ ଏବେ ୨ବର୍ଷ ହେଲା ଭଡା ମିଳୁନାହିଁ କାହିଁକି ବୋଲି ପ୍ରଶ୍ନ କରିଥିଲେ। ପରେ ତାଙ୍କ କଥାକୁ ଦୋହରାଇ ଅନେକ କର୍ପୋରେଟର ଭଡା ମଞ୍ଜୁର ପାଇଁ କହିବା ପରେ ତୁମ୍ବି ତୋଫାନ ଦେଖାଦେଇଥିଲା।




ବୈଠକରେ ମେୟର, କମିଶନରଙ୍କ ସହ ଅନ୍ୟମାନେ ।

ମେୟର କହିଥିଲେ ଯେ, କିଛି ଦିନ ତଳେ ଜଣେ ଦିବ୍ୟାଙ୍ଗ ସହାୟତା ପାଇଁ ଆସିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବ୍ୟାଙ୍କକୁ କହିଦିଆଗଲା। ବ୍ୟାଙ୍କ ଏଥିରେ ଅବହେଳା କରୁଛି। ତେଣୁ ଆଗାମୀ ଦିନରେ ବିଧାୟକ ଓ ଏମପିଙ୍କ ପାଖକୁ ଯାଇ ଆଲୋଚନା କରାଯିବ। ଏକ ଘରୋଇ ବ୍ୟାଙ୍କ ଭଡା ଦେଉଥିବାରୁ ସେହି ବ୍ୟାଙ୍କ ମୁଖ୍ୟ ଶାଖାକୁ ଅଚଳ କରି ଦିଆଯିବ ବୋଲି କହିଥିଲେ। କମିଶନର କହିଥିଲେ ଯେ, ପରବର୍ତ୍ତୀ ଅବସ୍ଥାରେ ଏହାର ସମାଧାନ କରାଯିବ। ୩୨ ନଂ. ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣା କହିଥିଲେ, ବର୍ତ୍ତମାନ ୬ ହଜାର ଭଡା ନେବା ପାଇଁ ଆବେଦନ ପଡିରହିଛି। ମନ୍ତ୍ରୀ, ଏମପି, ଏମଏଲଏ ଏଥିପାଇଁ ଚେଷ୍ଟା କରନ୍ତୁ। ସେହିପରି ସହରରେ ଅନେକ ଭେଣ୍ଡିଂ ଜୋନ ରହିଛି। ଅନେକ ମହିଳା ଦୋକାନୀ ବାହାରେ ବସି ବିକ୍ରି କରୁଛନ୍ତି। ତେଣୁ ସେମାନଙ୍କ ପାଇଁ ଭେଣ୍ଡିଂଜୋନ ସଂରକ୍ଷଣ କରାଯାଉ ବୋଲି ଦାବି କରିଥିଲେ। କମିଶନର କହିଥିଲେ, ଭେଣ୍ଡିଂ ଜୋନ ଦୋକାନ ଗୃହ ଦରଖାସ୍ତ ଆହ୍ୱାନକରୀଙ୍କୁ ଲଟେରୀ ବାହାର କରାଯାଇ ଦିଆଯିବ। ବିଏମ୍‌ସିରେ ୯୭୦ ଦୋକାନ ଗୃହ ରହିଛି। ପ୍ରତି ଷ୍ଟଲରେ ୟୁନିକ କ୍ୟୁ-ଆର କୋଡ ଇନଷ୍ଟଲ କରାଯିବା ପାଇଁ ସ୍ଥିର କରାଯାଇଛି । ସମସ୍ତ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନିଆଯିବ। ସେହିପରି ପୋଖରି ଭିତରେ ବିଦ୍ୟୁତ ପୋଲ ଦୀର୍ଘ ଦିନ ହେବ ଅଭିଯୋଗ ପରେ ଉଚ୍ଛେଦ କରାଯାଉ ନାହିଁ ବୋଲି କର୍ପୋରେଟର ବନିତା ସାହୁ ତାହାକୁ ବାହାର କରିବାକୁ କହିଥିଲେ। ଯେଉଁ ସବୁ ଜିଲା ବା ସହରର ଅପଭ୍ରଂଶ ନାମ ଗୁଡିକ ସଂଶୋଧନ ପାଇଁ ରାଜ୍ୟ ସରକାର ତାଲିକା ତିଆରି କରିଥିଲେ ସେଥିରେ ବ୍ରହ୍ମପୁରର ନାମ ନାହିଁ । ଇଂରାଜୀରେ ଲେଖାଯାଇଥିବା ବରହମପୁରକୁ ବ୍ରହ୍ମପୁର କରିବା ପାଇଁ ଏକ ରିଜ୍ୟୁଲେଶନ ପାସ କରି ସରକାରଙ୍କୁ ଦିଆଯାଉ ବୋଲି କର୍ପୋରେଟର ପ୍ରଦୀପ ଶତପଥୀ କହିଥିଲେ। ବ୍ରହ୍ମପୁର ପାନୀୟ ଜଳ ସମସ୍ୟା ଉପରେ ପ୍ରଶ୍ନ ହେବାରୁ ଏନେଇ ଏକ ଯୋଜନା କରିବାକୁ କମିଶନର ୱାଟକୋ ଜିଏମ ବିକାଶ ପାଢ଼ୀଙ୍କୁ ପରାମର୍ଶ ଦେଇଥିଲେ। କମିଶନର ଆଗାମୀ ଦିନରେ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବୈଠକରେ ଡେପୁଟି ମେୟର ଇ.ବିବେକ ରେଡ୍ଡି, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳା ଓ ସମସ୍ତ କର୍ପୋରେଟର ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଚିକିତ୍ସାଧୀନ ୟୁବକଙ୍କ ରାସ୍ତାରୁ ମିଳିଲା ମୃତଦେହ

ଦିଗପହଣ୍ଡି,୨୫।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଟିକିଁଆ ସାହିରେ ରହୁଥିବା ଏସ.ସତ୍ୟ ନାରାୟଣ ଦୋରା (୪୩)ଙ୍କ ମୃତଦେହକୁ ବ୍ରହ୍ମପୁର ଶ୍ରୀରାମ ନଗର ନିକଟ ମୁଖ୍ୟରାସ୍ତାରୁ ବୁଧବାର ସକାଳେ ଉଦ୍ଧାର କରାଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଜ୍ୱରରେ ଅସୁସ୍ଥ ହୋଇ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁଧବାର ଭୋରରେ ତାଙ୍କ ମା ଏସ. ଟିଁ ଆମ୍ମା ପାଣି ଆଣିବାକୁ ଯାଇଥିବା ବେଳେ ପୁଅ ସତ୍ୟ ନାରାୟଣ ଡାକ୍ତରଖାନା ବେଡରେ ନ ଥିବା ଦେଖିବାକୁ ପାଇଥିଲେ। ମା ଏବଂ ମାମୁ ପି. ଭୀମା ଦୋରା ଆଖପାଖରେ ଖୋଜାଖୋଜି କରି ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ ଉଭୟେ ବ୍ରହ୍ମପୁର ଡାକ୍ତରଖାନା ପୋଲିସ ଫାଣ୍ଡିରେ ପହଞ୍ଚି ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ପରେ ତାଙ୍କ ମୃତଦେହ ଶ୍ରୀରାମ ନଗର ନିକଟ ରାସ୍ତାରେ ପଡ଼ିଥିବା ଖବର ପାଇ ସେଠାକୁ ଯାଇ ତାଙ୍କ ମୃତଦେହକୁ ଉଦ୍ଧାର କରି ଦିଗପହଣ୍ଡିସ୍ଥିତ ଘରକୁ ପରିବାର ଲୋକେ ନେଇଥିଲେ। ତେବେ ଡାକ୍ତରଖାନା ବେଡ୍‌ରୁ ସେ ଶ୍ରୀରାମ ନଗର ନିକଟ ରାସ୍ତାକୁ କିପରି ଆସିଲେ ଏବଂ କିପରି ତାଙ୍କର ମୃତ୍ୟୁ ଘଟିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷା ବିଜ୍ଞାନ ବିଭାଗ କର୍ମଶାଳା ଉଦ୍‌ଯାପିତ

ବ୍ରହ୍ମପୁର,୨୫।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଭାଷା ବିଜ୍ଞାନ ବିଭାଗର ୩ ଦିନିଆ କର୍ମଶାଳା ଉଦଯାପିତ ହୋଇଛି । କର୍ମଶାଳାର ଆବାହକ ତଥା ବିଭାଗୀୟ ମୁଖ୍ୟ ଡ଼.ବୋବିତା ସରାଙ୍ଗଥେମଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ବିଶବିଦ୍ୟାଳୟର ଭାଷା ବିଜ୍ଞାନ ବିଭାଗର ଡ଼.କୈଳାଦ ବୋଉ ଦାଇମାଇ,ଉତ୍କଳ ବିଶବିଦ୍ୟାଳୟର ଓଡ଼ିଆ ବିଭାଗର ରମେଶ ଚନ୍ଦ୍ର ମଲ୍ଲିକ ,କୋରାପୁଟ ଓଏଟିଏ ର ଅତିଥି ଅଧ୍ୟାପକ ଡ଼.ରାଜେନ୍ଦ୍ର ପାଢ଼ୀ ଯୋଗ ଦେଇ ବିଭିନ୍ନ ଭାଷାକୁ ସଂରକ୍ଷଣ କିଭଳି କରାଯିବ । ଭାଷାର ଅନୁବାଦ କରିବା ତାହାସହ ଭାଷାକୋଷ ପ୍ରସ୍ତୁତି କରିବା,ବୋଣ୍ଡା, କନ୍ଦ ଓ ସୌରା ଜନଜାତିର ଧାର୍ମିକ ବିଶ୍ୱାସ ,ବିବାହ ପରମ୍ପରା ଆଦି ଉପରେ ଆଲୋକପାତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ,ସଂସ୍କୃତି ବିଶବିଦ୍ୟାଳୟ,କିସ ବିଶ୍ୱବିଦ୍ୟାଳୟ,ସୋଆ ବିଶବିଦ୍ୟାଳୟ,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାଷା ବିଜ୍ଞାନ ଓ ଓଡ଼ିଆ ବିଭାଗର ବହୁ ଛାତ୍ର , ଛାତ୍ରୀ, ଗବେଷକ,ଗବେଷିକା ଯୋଗ ଦେଇଥିଲେ । ଏହି ଅବସରରେ ୪୦ ଜଣ ଗବେଷକ,ଗବେଷିକାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

## ମ୍ୟୁଲ ଆକାଉଣ୍ଟ ଖୋଲି ଠକେଇ, ୪ ଗିରଫ

ହିଞ୍ଜିଳିକାଟୁ,୨୫।୨(ଦ୍ୱିତୀକୃଷ୍ଣ ପଣ୍ଡା): ବିଭିନ୍ନ ବ୍ୟାଙ୍କରେ ମ୍ୟୁଲ ଆକାଉଣ୍ଟ ଖୋଲି ଠକେଇ ଓ ଅନୈତିକ କାର୍ଯ୍ୟକଳାପ ଚଳାଇଥିବା ଅଭିଯୋଗରେ ହିଞ୍ଜିଳି ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ ଠେଙ୍ଗାପାଲ୍ଲୀର ସୁରଜ ସ୍ୱାଇଁ, ହିଞ୍ଜିଳିକାଟୁ ଥାନାତୋଟା ସାହିର ଆଶିଷ ମହାନ୍ତି, ମକରଝୋଳର ସୁଶାନ୍ତ କୁମାର ସେଠି ଓ ବଳରାମ ସେଠି। ଲୋକଙ୍କୁ ଲୋଭ ଦେଖାଇ ଏମାନେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଟଙ୍କା ନେଣଦେଣ କରୁଥିଲେ। ଏ ନେଇ ପୋଲିସ ନିଜଆଡୁ ଥାନାରେ ଦୁଇଟି ମାମଲା (ନଂ.୧୦୯ ଓ ୧୧୨/୨୬)ରୁଜୁ କରିଛି ।

## କଟିଙ୍ଗିଆ ମାଜୁମାହା ବାପ୍ଟିଷ୍ଟମଣ୍ଡଳୀର ଶତବାର୍ଷିକୋତ୍ସବ

ଜି.ଉଦୟଗିରି,୨୫।୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ୍ କଟିଙ୍ଗିଆ ପଞ୍ଚାୟତରେ ଥିବା ସମସ୍ତ ଚର୍ଚ୍ଚମଣ୍ଡଳୀର ମିଳିତ ଆନୁକୂଲ୍ୟରେ ମାଜୁମାହା ବାପ୍ଟିଷ୍ଟମଣ୍ଡଳୀର ଶତବାର୍ଷିକୋତ୍ସବ ପାଳିତ ହୋଇଛି। ଏହି ଉତ୍ସବକୁ ରାଇକିଆ ପାଷ୍ଟର ଅସୋସିଏଶନ ଟ୍ରଷ୍ଟର ସଭାପତି ରେଭ.ଦମନିକ ଦିଗାଲ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଆୟୋଜନ କମିଟି ତରଫରୁ ହନକ ଦିଗାଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଭାରେ ଜିଲା ପରିଷଦ ସଦସ୍ୟା ଲିଲିମା ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷା ସୁସମା ପ୍ରଧାନ, କଟିଙ୍ଗିଆ ସରପଞ୍ଚ ବିଭୁତି ପ୍ରଧାନ, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ସଭାପତି ଜାନେ ନାୟକ, ରାଜ୍ୟ ଖ୍ରୀଷ୍ଟୀୟ ଉଦ୍ୟୋଗ ସମ୍ମିଳନୀ ସମ୍ପାଦକ ଓ ଖ୍ରୀଷ୍ଟିଆନ ଜନକଲ୍ୟାଣ ସମାଜ କନ୍ଧମାଳ ସମ୍ପାଦକ ରେଭ ପ୍ରଶାନ୍ତ ଦାସ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ନାୟକଙ୍କ ସହ ବିଭିନ୍ନ ଚର୍ଚ୍ଚମଣ୍ଡଳୀର ପାଳକମାନେ ଉପସ୍ଥିତ ଥିଲେ। ପ୍ରଥମ ଅଧିବେଶନରେ କଟକରୁ ଆସିଥିବା ମୁଖ୍ୟବକ୍ତା ରେଭ. ଡ଼ ପ୍ରାଚୀ ରଞ୍ଜନ ଦାଶ ବାଇବେଲରେ ଲିଖିତ କାଳ ସମ୍ପୂର୍ଣ୍ଣ ହେଲାଣି ମନ ପରିବର୍ତ୍ତନ କର ଉପଦେଶ ବିଷୟରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ରାୟଗଡ଼ାରୁ ଆସିଥିବା ରେଭ.ଚନ୍ଦ୍ରଗୁପ୍ତା ଉପସ୍ଥିତ ଖ୍ରୀଷ୍ଟ ପ୍ରେମୀଙ୍କୁ ଜୀବନରେ ଦୃଢ଼ମନା ହୋଇ ଭଗବାନଙ୍କ ଠାରେ ନିଜକୁ ସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ଆୟୋଜନ କମିଟି ସଭାପତି ସତ୍ୟବାଦୀ ଦିଗାଲ, ଉପସଭାପତି ରେମଜିସ ନାୟକ, ସମ୍ପାଦକ ଖଳେଶ୍ୱର ଦିଗାଲ, ଯୁଗ୍ମ ସମ୍ପାଦକ ହେମନ୍ତ ପ୍ରଧାନ, କୋଷାଧ୍ୟକ୍ଷ ବାବୁଲା ଦିଗାଲ ଓ ମଣ୍ଡଳୀର ସମସ୍ତ ସଦସ୍ୟା ସଦସ୍ୟମାନେ ସହଯୋଗ କରିଥିଲେ।

## ଗୋପାଳପୁର କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର,୨୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର କଲେଜରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି । କଲେଜ ଅଧକ୍ଷ ଡ଼.ରାମ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱ କରି ଆତ୍ମ ସୁରକ୍ଷା କୌଶଳ ବର୍ତ୍ତମାନ ଅପରିହାର୍ଯ୍ୟ ହୋଇପଡ଼ିଥିବା କହିଥିଲେ। ବିଡିଏ ସମ୍ପାଦକ ରମେଶ ହାଁସଦା ମୁଖ୍ୟ ଅତିଥି ଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଏସ.ରୁପଲକ୍ଷ୍ମୀଙ୍କ ତତ୍ତ୍ୱାବଧାନରେ ୧୪୫ ଛାତ୍ରୀ ୮ ଦିନ ପର୍ଯ୍ୟନ୍ତ ତାଲିମ ନେଇଥିଲେ। ପ୍ରଶିକ୍ଷିକା ରୋହିଣୀ ଖଣ୍ଡୁଆଳ ଓ ସନ୍ଧ୍ୟାରାଣୀ ମହାରଣା ତାଲିମ ପ୍ରଦାନ କରିଥିଲେ। ଡ଼.ସୁଚିତ୍ରା ବେହେରା,ଡ଼.ଚଞ୍ଚଳା ଜେନା,ଡ଼.ନିହାରିକା ପାଢ଼ୀ,ରଂଯୁକ୍ତା ପାଣିଗ୍ରାହୀ,ମମତା ସେଠୀ,ମହେଶ୍ୱରୀ ରେଡି ପ୍ରମୁଖ ଉପସ୍ଥିତ ଥିଲେ । ଡ଼.ଲିପ୍ସିତା ଦାଶ ଧନ୍ୟବାଦ ଦେଇଥିଲେ।

**୨୨ତମ ଜନ୍ମଦିନ ଶୁଭେଚ୍ଛା**



**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**

ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଇ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ ।

ଧ-୨୪୪

**Classified Everyday**
0674-2580101, 9692975378

**AFFIDAVIT**

I, Litton Behra, Village- Niranjanpur, Dist.- Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes.
D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No- 79AA335015, that now onwards I shall be known as Sarojini Behera for all future purposes. D-3482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିନିଧିମଣ୍ଡଳୀଙ୍କ ଗଞ୍ଜାମ ଜିଲା ଗସ୍ତ

ବ୍ରହ୍ମପୁର,୨୫।୨(ସୁବାସ ଚନ୍ଦ୍ର ପାଢ଼ୀ)

**ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ର ଓ ଖାରିଜଳ ଚାଷର ମୂଲ୍ୟାଙ୍କନ**

ଯୁକ୍ତରାଷ୍ଟ୍ର ଆମେରିକାର ୟୁଏସଏଫଡିଏର ଏକ ପ୍ରତିନିଧି ମଣ୍ଡଳୀ ଗଞ୍ଜାମ ଜିଲା ଗସ୍ତରେ ଆସି ଜିଲ୍ଲାର ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ର ଓ ଖାରିଜଳ ଚାଷରେ ଅନୁସରିତ ମାନଦଣ୍ଡର ମୂଲ୍ୟାଙ୍କନ କରିବା ସହିତ ସଠିକ ମାନଦଣ୍ଡ ଅନୁସରଣ କରିଥିବା ହେତୁ ଏହାର ଉଚ୍ଚ ପ୍ରଶଂସା କରିଛନ୍ତି । ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗୋପାଳପୁର ସ୍ଥିତ ଓସିଆନିଡ ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ସିଏଏ, ଏମପିଇଡିଏ, ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅଧିକାରୀ ଓ ଉପଖଣ୍ଡସ୍ତରୀୟ କମିଟି (ଏସଡିଏଲସି) ର ସଦସ୍ୟମାନେ ଉପସ୍ଥିତ ଥିଲେ । ୟୁଏସଏଫଡିଏର ପ୍ରତିନିଧିମାନେ ଖାଦ୍ୟ ପରିଚାଳନା, ଉତ୍ପାଦନ ଓ ବିକ୍ରୟ ସମ୍ବନ୍ଧୀୟ ରେକର୍ଡ ସହିତ ଅନ୍ୟାନ୍ୟ ଦସ୍ତାବିଜର ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିଥିଲେ । ଯାଆଁଳ ଉତ୍ପାଦନ କେନ୍ଦ୍ରର ବିଭିନ୍ନ



ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିନିଧି ମଣ୍ଡଳୀ

ଉପକେନ୍ଦ୍ର ପରିଦର୍ଶନ କରି ସମୁଦ୍ରଜଳ ଆରୋହଣ ପ୍ରଣାଳୀ, ୟୁଭି ଓ ଓଜୋନ ଫିଲ୍ଟ୍ରେସନ ପ୍ରକ୍ରିୟା, ପରୀକ୍ଷାଗାର କଲ୍ଚର ପ୍ରଣାଳୀ ଓ ଚିକିତ୍ସା ପ୍ରୋଟୋକଲ ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ସିଏଏର ପ୍ରତିନିଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ନୀତିନିୟମ ଅନୁସରଣ, ଜଳବାୟୁ ଓ ପରିବେଶ ସୁରକ୍ଷା ବ୍ୟବସ୍ଥା ଓ ଗୁଣବତ୍ତା ନିଶ୍ଚିତକରଣ ମାନଦଣ୍ଡ ଆଦି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ଜାକେରି ମିଲର୍, ଆନ୍ଥୋନି ରିଜ୍ଜଲା, କାରେନ ସୱାଜନ, ପଙ୍କଜା ପଣ୍ଡା, ଡା. ଶଙ୍କର ରାଓ, ଏ. ରମେଶ ଓ ଏ. ଆନନ୍ଦ ରାଜାଙ୍କ ସମେତ ଡିଏଫଓ, ଗଞ୍ଜାମ ଭରତ ଭୂଷଣ ସାହୁ, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଗଞ୍ଜାମ ତହସିଲଦାର ସୁକାନ୍ତ କୁମାର ମିଶ୍ର, ଏସିଏଫ, ବ୍ରହ୍ମପୁର, ଜିଲ୍ଲା କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଧିକ ଯୌତୁକ ପାଇଁ ଗର୍ଭବତୀ ନବବଧୂଙ୍କୁ ମାରିଦେଲେ

ବେଲଗୁଣ୍ଠା,୨୫।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଅଧିକ ଯୌତୁକ ଦାବିକରି ଜନୈକା ଗର୍ଭବତୀ ମହିଳାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ମୃତା ମହିଳା ଜଣଙ୍କ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଗୁଣ୍ଡପଲ୍ଲବା ଗ୍ରାମର ରଶ୍ମିତା ଗୌଡ଼ (୨୪)। ସୋରଡା ଭଗବାନପୁର ନିବାସୀ ରଶ୍ମିତାଙ୍କ ଭାଇ ଶିବାନନ୍ଦ ଗୌଡ଼ ତାଙ୍କ ଭଉଣୀକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି, ରଶ୍ମିତା ଗତବର୍ଷ ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଗୁଣ୍ଡପଲ୍ଲବା ଗ୍ରାମର ପୁନିଆ ଗୌଡ଼ଙ୍କ ପୁଅ ଜିତେନ୍ଦ୍ର ଗୌଡଙ୍କୁ ବିବାହ କରିଥିଲେ। କିଛି ଦିନ ହେବ ରଶ୍ମିତାଙ୍କ ଶ୍ୱଶୁର ପୁନିଆ, ସ୍ୱାମୀ ଶିବାନନ୍ଦ ଏବଂ ଶାଶୁ ସୁଷମା ଅଧିକ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ସକାଳ ୯ଟାରେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିବା ଶିବାନନ୍ଦ ଖବର ପାଇଥିଲେ। ତାଙ୍କୁ ତାଙ୍କ ସ୍ୱାମୀ ଜିତେନ୍ଦ୍ର, ଶ୍ୱଶୁର ପୁନିଆ ଓ ଶାଶୁ ସୁଷମା ମିଶି ରଶ୍ମିତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଶିବାନନ୍ଦ ଗାଙ୍ଗପୁର ଥାନାରେ କରିଥିବା ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ରଶ୍ମିତା ତିନି ମାସ ଅନ୍ତଃସତ୍ତ୍ୱା ଥିବା ଶିବାନନ୍ଦ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତି କରି ଗାଙ୍ଗପୁର ଥାନାରେ ନଂ. ୮୬/୨୫ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ବନବିହାରୀ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ରଶ୍ମିତାଙ୍କ ଶାଶୁଘର ଲୋକେ କହିଛନ୍ତି, କୌଣସି କାରଣରୁ ରଶ୍ମିତା ଏବଂ ଜିତେନ୍ଦ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରୁ ବୋହୂ ରଶ୍ମିତା ଆତ୍ମହତ୍ୟା କରିଛନ୍ତି। ପୋଲିସ ରଶ୍ମିତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି।

## ମାଓବାଦୀଙ୍କ ମୃତଦେହ ନେଲେ ପରିବାର

ଫୁଲବାଣୀ,୨୫।୨(ରାକେଶ କୁମାର ରାଉତ)

ରାଇକିଆ ଥାନା କରଡା ଜଙ୍ଗଲରେ ପୋଲିସ ଗୁଳିରେ ନିହତ ହୋଇଥିବା ୨ ମାଓବାଦୀଙ୍କ ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ରବିବାର କରଡ଼ା ଜଙ୍ଗଲରେ ଏସଓଜି ପକ୍ଷରୁ ଏକ କୋମ୍ବିଂ ଅପରେଶନ କରାଯାଇଥିଲା। ସୁରକ୍ଷା ବାହିନୀ ସହିତ ଗୁଳି ବିନିମୟରେ କେକେବିଏନ ସଙ୍ଗଠନର ଡେପୁଟି ପ୍ଲାଟୁନ କମାଣ୍ଡର ଜାଗେଶ ଓ ପାର୍ଟି ମେମ୍ବର ରତ୍ନାଙ୍କ ମୃତ୍ୟୁ ହୋଇଥିଲା। ଉଭୟଙ୍କ ମୃତଦେହ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟର ଶବ ସରକ୍ଷଣରେ ରଖା ଯାଇଥିଲା। ଉଭୟଙ୍କ ପରିବାର ଲୋକ ଆସି ମୃତଦେହ ଚିହ୍ନଟ କରିବା ସହିତ ଜିଲା ପୋଲିସ ନିକଟରୁ ମୃତଦେହ ଗ୍ରହଣ କରିଛନ୍ତି। ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ ଭୋଁସଲେ ଆବଶ୍ୟକୀୟ ପ୍ରକ୍ରିୟା ପରେ ମୃତଦେହ ହସ୍ତାନ୍ତର କରିଥିବା ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜାଗେଶଙ୍କ ଘର ଛତିଶଗଡ଼ର ସୁକମା ଜିଲାରେ ହୋଇଥିବା ବେଳେ ରତ୍ନାଙ୍କ ଘର ବିଜାପୁର ଜିଲାରେ।

## ଗୁଣିଗାରେଡ଼ି ସନ୍ଦେହରେ ପରୀକ୍ଷା ଦେବାରୁ ଛାତ୍ରୀ ବଞ୍ଚିତ

ବ୍ରହ୍ମପୁର,୨୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗୁଣିଗାରେଡି ସନ୍ଦେହରେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଆସିକା ରୋଡ ସ୍ଥିତ ମ୍ୟୁନସିପାଲଟି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଛନ୍ତି। ସେ ବହୁ ମାସ ହେବ ବିଦ୍ୟାଳୟକୁ ଆସୁନାହାନ୍ତି। ଏନେଇ ସହପାଠୀଙ୍କ ସହ ଆଲୋଚନା ପରେ ଜଣାପଡିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମତରେ ଶରୀର ଅସୁସ୍ଥ କାରଣରୁ ବିଦ୍ୟାଳୟକୁ ଆସୁନଥିବା ସୂଚନା ଦେଇଛନ୍ତି। ବର୍ତ୍ତମାନ ସ୍କୁଲର ଛାତ୍ରୀମାନେ ମାଟ୍ରିକ ପରୀକ୍ଷା ବିନାୟକ ଆଚାର୍ଯ୍ୟ ସରକାରୀ ଉଚ୍ଚବିଦ୍ୟାଳୟରେ ପରୀକ୍ଷା ଦେଉଛନ୍ତି। ଗତ ତିନୋଟି ପରୀକ୍ଷା ଦେବାକୁ କେନ୍ଦ୍ରକୁ ସମ୍ପୃକ୍ତ ଛାତ୍ରୀ ଆସିନାହାନ୍ତି। ଏନେଇ ଛାତ୍ରୀଙ୍କ ପରିବାରବର୍ଗଙ୍କ ସହ ଆଲୋଚନା ପରେ ସେମାନେ କହିଛନ୍ତି ଯେ, କିଛି ମାସ ପୂର୍ବରୁ ଏକ ସାମାଜିକ କାର୍ଯ୍ୟକ୍ରମରୁ ଫେରିବା ପରେ ଛାତ୍ରୀ ଜଣଙ୍କ ମାନସିକ ଭାବେ ଦୁର୍ବଳ ହୋଇଯାଇଥିଲେ। ଗୋଟିଏ କକ୍ଷରୁ ବାହାରକୁ ବାହାରୁନଥିବା ବେଳେ କିଛି କହିଲେ ବିରକ୍ତି ପ୍ରକାଶ କରୁଥିଲେ। ଏନେଇ ଜିଲା ମୁଖ୍ୟଚିକିତ୍ସାଳୟ ଠାରୁ ଆରମ୍ଭ କରି ଡାକ୍ତରଙ୍କ ପରାମର୍ଶ ମଧ୍ୟ ନିଆଯାଇଛି କିନ୍ତୁ କେଣସି ସୁଫଳ ମିଳିନାହିଁ। ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ କିଛି ଦିନ ପୂର୍ବରୁ ହିଞ୍ଜିଳିକାଟୁ ନିକଟସ୍ଥ ଏକ ସ୍ଥାନରେ ଝଡ଼ାଫୁଙ୍କା କରି ଅଣାଯାଇଛି। ବ୍ରହ୍ମପୁର ସହର ପରି ସ୍ଥାନରେ ରହିବା ପରେ ମଧ୍ୟ ଏଭଳି ଅନ୍ଧବିଶ୍ୱାସ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଭଳି ସମସ୍ୟା ଦେଇ ଗତିକରୁଥିବା ଛାତ୍ରୀଙ୍କ ପରିବାରବର୍ଗ ଜିଲ୍ଲା ପ୍ରଶାସନର ସହାୟତା ଲୋଡିଛନ୍ତି। ଅଭିଭାବକ ସଂଘର ସୁନୀଲ କୁମାର ସାବତ କହିଛନ୍ତି ଯେ, ଦୀର୍ଘଦିନ ହେଲା ଛାତ୍ରୀଜଣଙ୍କ ସ୍କୁଲକୁ ଆସୁନାହାନ୍ତି। ଏହି ସବୁ କାରଣରୁ ଜିଲ୍ଲାର ଛାତ୍ରୀଛାତ୍ର ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇ ବେସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖାଉଛନ୍ତି ।

## ବାଇକକୁ ପିଟିଲା ହାଇୱା, ବର୍ତ୍ତିଲେ ଭଉଣୀଭାଇ

ଚକାପାଦ,୨୫।୨(ପ୍ରତାପ କିଶୋର ବେହେରା)

ଖଜୁରିପଡ଼ା ଓ ଶଙ୍କରାଖୋଲ ରାସ୍ତା ମଧ୍ୟଭାଗ ରାଗାଗୁଡ଼ା ଘାଟିର ଶେଷ ବାଙ୍କରେ ବଜୁରୀ ବୋଝେଇ ଏକ ହାଇୱା ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାମୁହିଁ ଧକ୍କା ହେବାରୁ ଉଭୟ ଭଉଣୀଭାଇ ଗାଡ଼ିରେ ମାଡ଼ ହୋଇ ପ୍ରାୟ ୫୦ ଫୁଟ ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିଲେ। ସେ ସମୟରେ କେତେଜଣ ଯାତ୍ରୀ ସେଠାରେ ପହଞ୍ଚିବାରୁ ଡ୍ରାଇଭର ଗାଡ଼ି ଛାଡ଼ି ନିକଟସ୍ଥ ଜଙ୍ଗଲକୁ ଦୌଡ଼ି ପଳାଇଯାଇଥିଲା। କିଛି ସମୟ ପରେ ଆମ୍ବୁଲାନ୍ସ ଆସି ୨ ଆହତଙ୍କୁ ଗୁମାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲା। ପରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଲାଇନ୍ ପଡ଼ା ଫାଣ୍ଡି ଅଧିକାରୀ ବିଷ୍ଣୁ ଚରଣ କହଁର ଓ ଟିକାବାଲି ଥାନା ଟିମଙ୍କ ସହାୟତାରେ ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲେ।

## ଅଙ୍ଗନୱାଡି, ଆଶାକର୍ମୀ ସଂଘ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ

ପାରଳାଖେମୁଣ୍ଡି,୨୫।୨(ଗିରିଧାରୀ ପରିଚ୍ଛା)

ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଅଲ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ଏବଂ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଗଜପତି ଶାଖା ପକ୍ଷରୁ ନ୍ୟାର୍ଯ୍ୟଦାବି ପୂରଣ ନେଇ ଅଙ୍ଗନୱାଡି, କର୍ମୀ ଓ ଆଶା କର୍ମୀ ବୁଧବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦଶନ କରିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ଜିଲା ପ୍ରଶାସନ ଜରିଆରେ ପ୍ରଦାନ କରିଥିଲେ। ଦାବିପତ୍ରରେ ସରକାରଙ୍କ ଉଦ୍ଦେଶ୍ୟରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ସ୍ୱଳ୍ପ ପାରିଶ୍ରମିକରେ ଚଳୁଥିବା ଆମେ ଆଶାକର୍ମୀ ଓ ଅଙ୍ଗନୱାଡି ଦିନରାତି ନିରବଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଛୁ।



ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ।

ଆପଣଙ୍କ ଭାଜପା ସରକାର ନିର୍ବାଚନ ବେଳେ ଆମକୁ ଦେଇଥିବା ପ୍ରତିଶ୍ରୁତି ସମ୍ମାନଜନକ ବେତନ ଓ ସୁବିଧା ୨ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ପ୍ରତିଶ୍ରୁତି ପୂରଣ ହୋଇନାହିଁ। ସମସ୍ତ କ୍ଷେତ୍ର ଓ ବର୍ଗର ଶ୍ରମିକଙ୍କ ପାଇଁ ଶ୍ରମ ଆଇନ କଡାକଡି ଲାଗୁ କରିବା, ଶିଳ୍ପ ସମ୍ପର୍କ କୋଡ଼-୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ସ୍ଥିତି କୋଡ଼-୨୦୨୦ରେ ଥିବା ଶ୍ରମିକ ବିରୋଧୀ ନିୟମକୁ ତୁରନ୍ତ ସଂଶୋଧନ କରିବା, ଶ୍ରମିକଙ୍କ କଲ୍ୟାଣ ପାଇଁ ‘ଭାରତୀୟ ଶ୍ରମ ସମ୍ମିଳନୀ’ କରିବା, ସମସ୍ତ ସ୍କିମ ୱାର୍କରଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିବା, ସର୍ବନିମ୍ନ ପେନ୍ସନ ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ କରିବା, ଶ୍ରମିକଙ୍କ ସୁବିଧା ପାଇଁ ଇଏସଆଇ ଏବଂ ଇପିଏଫରେ ଥିବା ସୀମା ବୃଦ୍ଧି କରିବା, ମଜୁରି ସ୍ତରରେ ସମାନତା ରଖି ବୋନସ ସୀମା ବୃଦ୍ଧି କରିବା, ସ୍କିମ ୱାର୍କର ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ନିୟମିତ କରିବା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ସମସ୍ତ ଆଶା କର୍ମୀଙ୍କୁ କର୍ମଚାରୀର ମାନ୍ୟତା ପ୍ରଦାନ, ସ୍ଥାୟୀ ନ ହେବା ପର୍ଯ୍ୟନ୍ତ ମାସିକ ୧୮ ହଜାର ସର୍ବନିମ୍ନ ବେତନ ପ୍ରଦାନ କରିବା, ପ୍ରତି ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଲାଗି ଆଶା କେନ୍ଦ୍ର ନିର୍ମାଣ, ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶା ଗୃହ ନିର୍ମାଣ କରାଯିବା, ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶା କର୍ମୀଙ୍କୁ ତାଲିମ ଦେଇ ଏଏନଏମକୁ ପଦୋନ୍ନତି ଦେବା, କାର୍ଯ୍ୟ ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ପରିବାରକୁ ୧୦ ଲକ୍ଷ ଓ ଶାରୀରିକ ଅକ୍ଷମ କ୍ଷେତ୍ରରେ ୫ ଲକ୍ଷ ସହାୟତା ରାଶି ପ୍ରଦାନ ସହ ଅନ୍ୟାନ୍ୟ ଦାବି ରହିଛି।

## ପିଲାଚୋର ସନ୍ଦେହରେ ମହିଳାଙ୍କୁ ବାନ୍ଧିଲେ

ବ୍ରହ୍ମପୁର,୨୫।୨(ସୁବାସ ଚନ୍ଦ୍ର ପାଢ଼ୀ): ଟାଉନ ଥାନା ଅନ୍ତର୍ଗତ ଗେଟବଜାର ବଡ଼ ଦଳିତସାହି ନିକଟରେ ବୁଧବାର ଅପରାହ୍ନ ସାଢ଼େ ୨ଟାରେ ଜଣେ ମହିଳା ବୁଲୁଥିଲେ। ସେହି ପାଖରେ କେତେଜଣ ପିଲା ଖେଳୁଥିବା ବେଳେ ସେମାନଙ୍କୁ ମହିଳା ଜଣଙ୍କ କିଛି କହିବାକୁ ଚାହୁଁଥିଲେ। ସେ କିଛି ପୋଷାକ ଓ ଅଖା ଧରିଥିବାରୁ ସାହି ବାସିନ୍ଦା ପିଲାଚୋର ସନ୍ଦେହ କରି ତାଙ୍କୁ କାବୁ କରିଥିଲେ। ମହିଳା ଜଣଙ୍କ କିଛି କହିବା ପୂର୍ବରୁ ତାଙ୍କୁ ମାରପିଟ କରି ନିକଟରେ ଥିବା ଏକ ଠେଲା ଶଗଡ଼ରେ ବାନ୍ଧି ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲା। ଏ ନେଇ ଟାଉନ ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ କହିଛନ୍ତି, ମହିଳା ଜଣଙ୍କ ମାନସିକ ବିକାରଗ୍ରସ୍ତ ଭଳି ଜଣାପଡୁଛନ୍ତି। ସେ ନିଜର କୌଣସି ପରିଚୟ ଦେଇ ପାରୁ ନାହାନ୍ତି। ତାଙ୍କ ଠିକଣା ଜାଣିବାକୁ ଚେଷ୍ଟା ଜାରି ରହିଥିବା କହିଛନ୍ତି।

